**NEWSPAPER** The Samaj

**DATE:** Monday, January 15, 2018

**EDN./PAGE:** Page 14

# ଏଏସ୍‌ବିଏମ୍‌ରେ ଇମକନ୍ ୨୦୧୮




ଭୁବନେଶ୍ୱର:ଏସିଆନ୍ ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜ୍‌ମେଣ୍ଟରେ ଅନ୍ତର୍ଜାତୀୟ ପ୍ରବନ୍ଧନ ସମ୍ମିଳନୀ (ଇମ୍‌କନ୍-୨୦୧୮) ଅନୁଷ୍ଠିତ ହୋଇଯାଇଛି। 'ସ୍ମାର୍ଟ ଅର୍ଗାନାଇଜେସନ୍ ସୃଷ୍ଟି କରିବା - ବ୍ୟବସାୟକୁ ପୁନଃ ସଂଜ୍ଞାବଦ୍ଧ କରିବା' ଏହି ଅନ୍ତର୍ଜାତୀୟ ପ୍ରବନ୍ଧନ ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ। ତିନି ଦିନ ଧରି ଚାଲିଥିବା ଏହି ଉତ୍ସବକୁ ବେଙ୍ଗାଲୁରୁ ଉତ୍ତର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ଡ. ଟି. ଡ଼ି. କେମ୍ପାରାଜୁ 'ଧୀମତ୍ତାର ପ୍ରଦୀପ' ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏଥିରେ ଡ. ରାଜୁ କହିଲେ, ଜ୍ଞାନକୌଶଳ ପରିବର୍ତ୍ତନର ଏକ ମାଧ୍ୟମ ହୋଇଥାଏ। ଆମକୁ ଶିଳ୍ପ ଆଧାରିତ ଅର୍ଥନୀତିରୁ ଦୂରେଇ, ଜ୍ଞାନ ଆଧାରିତ ଅର୍ଥନୀତିକୁ ଆପଣାଇବାକୁ ପଡ଼ିବ। ଆଜି ମଧ୍ୟ ଆମେ ଜନସଂଖ୍ୟାର ୨୫% ଲୋକଙ୍କୁ ଉଚ୍ଚତର ଶିକ୍ଷା ଯୋଗାଇବାରେ ସକ୍ଷମ ହୋଇନାହୁଁ। ମୁଖ୍ୟବକ୍ତା ଭାବେ ଆମେରିକା ମେଟ୍ରୋପଲିଟାନ୍ ଷ୍ଟେଟ୍ ୟୁନିଭର୍ସିଟିର ସଭାପତି ପ୍ରଫେସର ଡ. ଭର୍ଜିନିଆ (ଜିନି) ଆର୍ଥର୍ ସ୍ମାର୍ଟ ସଂଗଠନଗୁଡ଼ିକ ଦ୍ୱାରା ଅନୁସୃତ ହେଉଥିବା ୯ ପରିଚାଳନାଗତ ସୂତ୍ର ଉପରେ ଆଲୋକପାତ କରିଥିଲେ। ଏଥିରେ ସମ୍ମାନନୀୟ ଅତିଥି ଭାବେ ଦକ୍ଷିଣକୋରିଆ ମାହାନେମ୍ ସାଇବର କଲେଜର ନିର୍ଦ୍ଦେଶକ ଆଇଷ୍ଟାଇଏଫ୍ ଏବଂ ପ୍ରଫେସର ସୁୟୋନ୍ କିମ୍, ଅଷ୍ଟ୍ରେଲିଆର ୟୁନିଭର୍ସିଟି ଅଫ୍ ନିୟୁକ୍ୟାସେଲ ପ୍ରଫେସର୍ ଡ. ଅସିତ୍ ଭଟ୍ଟାଚାର୍ଯ୍ୟ, ଓରିକ୍ଲିନ୍ ପ୍ରାଇଭେଟ୍ ଲି.ପରିଚାଳନା ନିର୍ଦ୍ଦେଶକ ବି.ସି. ମହାନ୍ତି ଏବଂ ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ବିଶ୍ୱଜିତ୍ ପଟ୍ଟନାୟକ ଉପସ୍ଥିତ ଥିଲେ।